# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**$04^{th}$ January - 2025**

***********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତା ସୋମବାର ଆଭାସୀ ଜରିଆରେ ରାୟଗଡ଼ା ରେଳମଣ୍ଡଳ ଭିତ୍ତିଭୂମିର କରିବେ ଶିଳାନ୍ୟାସ ।

- ଲୋକସେବା ଭବନରେ 'ଉତ୍କର୍ଷ ଓଡ଼ିଶା ସମ୍ମିଳନୀ' ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।
- ଚଳିତ ମାସ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯିବ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଏବଂ ବେଙ୍ଗଲ୍ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଜାରି ।

***Desk***

# ରେଳ ଭିତ୍ତିଭୂମି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାର ଦିନ ଆଭାସୀ ଜରିଆରେ ରାୟଗଡ଼ା ରେଳମଣ୍ଡଳ ପାଇଁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରକଳ୍ପ ପାଇଁ ୧୦୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଓଡ଼ିଶାରେ ରାୟଗଡ଼ା ରେଳମଣ୍ଡଳ ପାଇଁ ଶିଳାନ୍ୟାସ ସହ ନୂତନ ଜମ୍ମୁ ରେଳମଣ୍ଡଳ, ଚର୍ଲାପଲ୍ଲି ନୂଆ ଟର୍ମିନାଲ୍ ଷ୍ଟେସନ୍‌କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜମ୍ମୁଠାରେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

***BBSR/R***

# ଉତ୍କର୍ଷ ଓଡ଼ିଶା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଭୁବନେଶ୍ୱର ଲୋକସେବା ଭବନରେ 'ଉତ୍କର୍ଷ ଓଡ଼ିଶା ସମ୍ମିଳନୀ' କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଶିଳ୍ପ ବିଭାଗର ପ୍ରମୁଖ ସଚିବ ପ୍ରସ୍ତୁତିର ଏକ ବିସ୍ତୃତ ବିବରଣୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଓ ଆକର୍ଷଣୀୟଭାବେ ପରିଚାଳନା କରି ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକଙ୍କ ପାଖରେ ରାଜ୍ୟର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ

ମାଝୀ ପରାମର୍ଶ ଦେଇଛନ୍ତି, ଯାହାଫଳରେ ଦୀର୍ଘ ସମୟପାଇଁ ଓଡ଼ିଶା ନିବେଶକଙ୍କୁ ଆକର୍ଷିତ କରିପାରିବ । ସୂଚନାଯୋଗ୍ୟ, ଆସନ୍ତା ୨୭ ତାରିଖରେ ଭାରତୀୟ ଶିଳ୍ପ ମହାସଂଘର ଏକ ବୈଠକ ଅନୁଷ୍ଠିତ ହେବ । ପରେ ୨୮ ଏବଂ ୨୯ ତାରିଖ ଦୁଇଦିନ ଧରି ୪ଟି ପୂର୍ଣ୍ଣାଙ୍ଗ ଅଧିବେଶନ, ୧୬ଟି ପ୍ରାନ୍ତୀୟ ଅଧିବେଶନ, ୪ଟି ଗୋଲ୍ ଟେବୁଲ୍ ବୈଠକ ଅନୁଷ୍ଠିତ ହେବ । ଏହି ଦୁଇଦିନରେ ପ୍ରାୟ ୩ ହଜାର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପପତି ଓ ନିବେଶକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

# ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଚଳିତ ମାସ ୧୫ ତାରିଖରେ ମିଳିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ଯୋଜନା ଅଧୀନରେ ଗତ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସର୍ଭେ ପାଇଁ ଅବଧି ଧାର୍ଯ୍ୟ ହୋଇଥିଲା ବେଳେ ଏହାକୁ ଜାନୁଆରୀ ୧୫ ତାରିଖ ଯାଏଁ ବୃଦ୍ଧି କରାଯାଇଥିବା ଶ୍ରୀମତୀ ପରିଡ଼ା କହିଛନ୍ତି।

***Voice :…………***

ଆସନ୍ତା ମାର୍ଚ୍ଚ ୩୦ ତାରିଖ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଆବେଦନ ପରେ ଏକକାଳୀନ ଦୁଇଟି କିସ୍ତି ପ୍ରଦାନ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି।

*BBSR/R*

# ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମନୋଜ କୁମାର ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ୨୦୦୬ ବ୍ୟାଚ୍‌ର ଇଣ୍ଟର କ୍ୟାଡର୍ ଆଇ.ଏ.ଏସ୍. ଶ୍ରୀ ସାହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବର୍ତ୍ତମାନର ବ୍ୟକ୍ତିଗତ ସଚିବ ଥିବା ଅରିନ୍ଦମ ଡାକୁଆଙ୍କୁ ଅନ୍ୟ ବିଭାଗର ଦାୟିତ୍ୱ ଦିଆଯାଇ ତାଙ୍କ ସ୍ଥାନରେ ଶ୍ରୀ ସାହୁଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି ।

*Jharsuguda/R*

# ଟ୍ରେନ୍ ରହଣି ଶୁଭାରମ୍ଭ

ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ରେଳଷ୍ଟେସନ୍‌ରେ ୩ଟି ଦ୍ରୁତଗାମୀ ଟ୍ରେନ୍ ରହଣି ସ୍ଥଳୀକୁ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ଶୁଭାରମ୍ଭ କରିଛନ୍ତି । ସମ୍ବଲପୁର-ଗୋରଖପୁର-ମୌର୍ଯ୍ୟା ଏକ୍ସପ୍ରେସ୍, ପୁଣେ-ହାଓ୍ୱଡ଼ା ଆଜାଦ୍ ହିନ୍ଦ୍ ଏକ୍ସପ୍ରେସ୍ ଏବଂ ହଟିଆ-ଏସ୍.ଏନ୍.ଭି.ଟି.-ବେଙ୍ଗାଲୁରୁ-ହଟିଆ ଏକ୍ସପ୍ରେସ୍ ଟ୍ରେନ୍ ରହଣିର ବ୍ୟବସ୍ଥା କରାଯାଇଛି ।

*Jharsuguda/R*

# ପାନୀୟ ଜଳ ପ୍ରକଳ୍ପ ତଦାରଖ

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଯାଇ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ତଦାରଖ କରିଛନ୍ତି । ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରି ଜଳଯୋଗାଣ ଆରମ୍ଭ କରିବାକୁ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ନାଏକ ନିର୍ଦ୍ଦେଶ ଦେଇଛନ୍ତି ।

*Baragarh/R*

# ଧନୁଯାତ୍ରା

ବରଗଡ଼ର ବିଶ୍ୱପ୍ରସିଦ୍ଧ ୭୭ତମ ଧନୁଯାତ୍ରା ମହୋତ୍ସବର ଆଜି ଦ୍ୱିତୀୟ ଦିନ । ସନ୍ଧ୍ୟାରେ ନିଶାମଣି ହାଇସ୍କୁଲ୍ ପଡ଼ିଆରେ ରଙ୍ଗମହଲ ଉଦ୍‌ଘାଟନ, କଂସର ନଗର ଭ୍ରମଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଧନୁଯାତ୍ରା ମହୋତ୍ସବରେ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବରଗଡ଼ ଜିଲ୍ଲା ସୂଚନା ଓ

ଲୋକସମ୍ପର୍କ ଅଧିକାରୀ ତଥା ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ଆବାହକ ପ୍ରହଲ୍ଲାଦ ଖୋସ୍‌ଲା ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି :

***Voice*** :...........

ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

***Nayagarh/R***

# ପାଣି ପଞ୍ଚାୟତ

ନୟାଗଡ଼ ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ ଯୋଗଦେଇ ପାଣି ପଞ୍ଚାୟତର କ୍ଷମତା ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାରେ ୬୭୦ଟି ଉଠା ଜଳସେଚନ ପ୍ରକଳ୍ପ ପାଇଁ ପାଣି ପଞ୍ଚାୟତ ରହିଥିବାବେଳେ ଆହୁରି ୭୦ଟି ନୂଆ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ଜଳ ହିଁ ଜୀବନ ଏବଂ ଏହାର ସୁବିନିଯୋଗ ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

*Ganjam/R*

# ସୁନାମୀ ପ୍ରବଣ ଗ୍ରାମ

ଗଞ୍ଜାମ ଜିଲ୍ଲାର ସୁନାମୀ ପ୍ରବଣ ଗ୍ରାମର ଗୋଷ୍ଠୀକୁ ଆଇ.ଓ.ସି.-ୟୁନେସ୍କୋଦ୍ୱାରା ସୁନାମୀ ପ୍ରସ୍ତୁତ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଛି । ଇଣ୍ଡୋନେସିଆରେ ପ୍ରସ୍ତୁତ ଦ୍ୱିତୀୟ ବିଶ୍ୱ ସୁନାମୀ ସମ୍ମୋଜିୟମ୍ ଅବସରରେ ଏହି ମାନ୍ୟତା ଦିଆଯାଇଛି । ଏହାସହ ଆଇ.ଓ.ସି.-ୟୁନେସ୍କୋଦ୍ୱାରା ୨୦୨୦ ମସିହାରେ ସୁନାମୀ ପ୍ରସ୍ତୁତ ଗ୍ରାମର ମାନ୍ୟତା ପାଇଥିବା ଗଞ୍ଜାମ ଜିଲ୍ଲାର ଭେଙ୍କଟରାଇପୁରର ସୁନାମୀ ପ୍ରସ୍ତୁତ ମାନ୍ୟତା ପ୍ରମାଣପତ୍ରର ନବୀକରଣ କରାଯାଇଛି । ଆଇ.ଓ.ସି.-ୟୁନେସ୍କୋ ସୁନାମୀ ପ୍ରସ୍ତୁତି ମାନ୍ୟତା କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ଛତ୍ରପୁରର ଉପୁଲାପୁଟି, ଗଞ୍ଜାମର ପ୍ରୟାଗୀ ଓ କଣ୍ଟିଆଗଡ଼, ରଙ୍ଗେଇଲୁଣ୍ଡାର ମାର୍କଣ୍ଡି ଏବଂ ଭେଙ୍କଟରାଇପୁରରେ କାର୍ଯ୍ୟକାରୀ କରାଯାଇଥିଲା ।

*Dhenkanal/R*

# ସଫେଇ କାର୍ଯ୍ୟକ୍ରମ

ଢେଙ୍କାନାଳ ଜିଲ୍ଲା କପିଳାସ ପାହାଡ଼ ନିକଟରେ ଟାଟା ଷ୍ଟିଲ୍, ମେରାମୁଣ୍ଡଳି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ, ଜିଲ୍ଲା ବନ ବିଭାଗ ଅଧିକାରୀଙ୍କ ନେତୃତ୍ୱରେ କରାଯାଇଛି । କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟ,

ଚନ୍ଦ୍ରଶେଖରଜିଉ ମନ୍ଦିର ରାସ୍ତାର ସଫେଇ କରାଯାଇଥିଲା । କମ୍ପାନୀର ୨୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ଯୋଗଦେଇ ୧୦ ଟନ୍‌ରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଫେଇ କରିଛନ୍ତି । ହାତୀଙ୍କ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟିପାଇଁ ଆସନ୍ତା ୧୧ ତାରିଖରେ ଏକ ଗଣଦୌଡ଼ର ଆୟୋଜନ କରାଯିବ ।

***Sonepur/R***

## ସୁବର୍ଣ୍ଣ ମହୋତ୍ସବ

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ୩୧ତମ ସୁବର୍ଣ୍ଣ ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାକୁ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଅନ୍ୟା ଦାସଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସଂସ୍କୃତି ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ସୋମବାରଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ରାମେଶ୍ୱର ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବ । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୮ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବେ । ସେହିପରି ପଲ୍ଲିଶ୍ରୀ ମେଳାରେ ୧୨୦ଟି ଷ୍ଟଲ୍‌ରେ ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରଦର୍ଶନ ତଥା ବିକ୍ରୟ କରାଯିବ ।

*Bhadrak/R*

# ମାଛ ମାର୍କେଟ ଉଦ୍‌ଘାଟନ

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଳନ୍ଦୀ ନଗର ବାଇପାସ୍ ସ୍ଥିତ ନିୟନ୍ତ୍ରିତ ବଜାର ଆର୍.ଏମ୍.ସି. ପରିସରରେ ଏକ ନୂତନ ମାଛ ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଛି । ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲୀପ ରାଉତରାୟ ପ୍ରମୁଖ ଯୋଗ ଦେଇ ମାଛ ମାର୍କେଟର ଚାହିଦା ଏବଂ ଏହାକୁ ଜୀବିକା ଭାବେ ଗ୍ରହଣ କରିଥିବା ବ୍ୟକ୍ତିମାନେ ବିଶେଷ ଉପକୃତ ହେବେ ବୋଲି ମତ ଦେଇଛନ୍ତି ।

*Desk*

# ପରୀକ୍ଷା ଫଳ ପ୍ରକାଶିତ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଅଷ୍ଟମ ଶ୍ରେଣୀର ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା ଏବଂ ଦଶମ ଶ୍ରେଣୀର ଦ୍ୱିତୀୟ ଏକକ ବିଷୟ ଓଡ଼ିଆ ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି । ଅଷ୍ଟମ ଶ୍ରେଣୀରେ ୮୧ ଦଶମିକ ୧/୯ ପ୍ରତିଶତ ଏବଂ ଦଶମ ଶ୍ରେଣୀରେ ୯୪ ଦଶମିକ ୫/୨

ପ୍ରତିଶତ ପାଶ୍ ହାର ରହିଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍ www.bseodisha.ac.inରେ ଜାଣିପାରିବେ।

***Desk***

# ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ଆଜି ଦୁଇଟି ମ୍ୟାଚ ଅନୁଷ୍ଠିତ ହେଉଛି। ପ୍ରଥମ ମ୍ୟାଚ୍‌ଟି ଦିଲ୍ଲୀ ଏସ୍.ଜି. ପାଇପର୍ସ ଏବଂ ଶ୍ରାଚି ରାହା ବେଙ୍ଗଲ ଟାଇଗର୍ସ ମଧ୍ୟରେ ଜାରି ରହିଥିବାବେଳେ ରାତି ୮ଟା ୧୫ ମିନିଟ୍‌ରେ ହାଇଦ୍ରାବାଦ ତୁଫାନ୍ସ ଏବଂ ଗୋନାସିକା ଦଳ ପରସ୍ପରକୁ ଭେଟିବେ ।

*****